# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 14th May – 2026

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଳିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଘୋଷଣା ।

— ରାଜ୍ୟରେ ଜୁଲାଇ ପହିଲାରୁ ଆରମ୍ଭ ହେବ ଏସ୍.ଆଇ.ଆର୍. ପ୍ରକ୍ରିୟା ।

- ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ; ଅପରାଧୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ଗୁରୁତ୍ୱ ।

- ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ରାଜ୍ୟରେ ବି.ଜେ.ପି. ସରକାରଙ୍କ ୨ ବର୍ଷ ପୂର୍ତ୍ତିକୁ ନିରାଡମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ।

ଏବଂ

- ଝାରସୁଗୁଡ଼ାରୁ ଭୁବନେଶ୍ୱର ଓ ହାଇଦ୍ରାବାଦକୁ ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ ବିମାନସେବା ।

# ଏସ୍.ଆଇ.ଆର୍.

ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଓଡ଼ିଶା ସମେତ ୧୬ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାରେ ତୃତୀୟ ପର୍ଯ୍ୟାୟରେ ସ୍ୱତନ୍ତ୍ର ସଘନ ସଂଶୋଧନ – ଏସ୍.ଆଇ.ଆର୍. କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଓଡ଼ିଶାରେ ଆସନ୍ତା ଜୁଲାଇ ପହିଲାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଜନଗଣନାପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ସମୟସୂଚୀ ନିର୍ଦ୍ଧାର କରାଯାଇଛି । ରାଜ୍ୟରେ ହେବାକୁ ଥିବା ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ମତଦାତାଙ୍କ ତଥ୍ୟ ଯାଞ୍ଚ୍ କରିବେ । ସେମାନଙ୍କୁ ସହଯୋଗ କରିବାପାଇଁ ବିଭିନ୍ନ ରାଜ୍ୟନୈତିକ ଦଳ ପକ୍ଷରୁ ୨୭ ହଜାରରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ ଏଜେଣ୍ଟ ନିୟୋଜିତ ହୋଇଛନ୍ତି । ସ୍ୱଚ୍ଛ ଓ ନିରପେକ୍ଷ ସଂଶୋଧନ ପ୍ରକ୍ରିୟା ସୁନିଶ୍ଚିତ କରିବାପାଇଁ ପ୍ରତ୍ୟେକ ବୁଥ୍‌ରେ ଜଣେ ଲେଖାଏଁ ବୁଥ୍‌ସ୍ତରୀୟ ଏଜେଣ୍ଟ ନିୟୋଜିତ ହେବେ ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

*Desk*

# ମୁଖ୍ୟମନ୍ତ୍ରୀ - ବୈଠକ

ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ନେଇ ଭୁବନେଶ୍ୱର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି । ମୁଖ୍ୟମନ୍ତ୍ରୀ ଅପରାଧ ଓ ଅପରାଧୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ନୀତି ଆପଣାଇବା ଉପରେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି । ବିଶେଷକରି ସଙ୍ଗଠିତ ଅପରାଧକୁ ରୋକିବା ଏବଂ ପୁଲିସ ବାହିନୀର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଉପରେ ବୈଠକରେ ଆଲୋଚନା ହେଉଛି । ବୈଠକରେ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ଅଧିକାରୀ ଆବଶ୍ୟକ ତଥ୍ୟ ଏବଂ ରିପୋର୍ଟ ସହ ଆଭାସୀ ଜରିଆରେ ସାମିଲ ହୋଇଛନ୍ତି । ସପ୍ତାହକ ମଧ୍ୟରେ ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ଏହା ଦ୍ୱିତୀୟ ସମୀକ୍ଷା ବୈଠକ ।

*Desk*

# ରାଜ୍ୟ ସରକାର - ୨ ବର୍ଷ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେତୃତ୍ୱାଧିନ ରାଜ୍ୟ ସରକାରଙ୍କୁ ଆସନ୍ତା ମାସ ୧୨ ତାରିଖରେ ୨ ବର୍ଷ ପୂରଣ ହେବ । ପଶ୍ଚିମ ଏସିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ସବ ପାଳନ ନ କରିବାକୁ ସରକାରଙ୍କ ଉପଲବ୍ଧି

ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ବୈଠକରେ ଆସନ୍ତାମାସ ୧୨ରୁ ୨୧ ତାରିଖ ପର୍ଯ୍ୟନ୍ତ ସରକାରଙ୍କ ସଫଳତା ନେଇ ତଥ୍ୟ ଓ ସୂଚନା ପ୍ରସାର ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗର ରିପୋର୍ଟ କାର୍ଡ଼ ଉନ୍ମୋଚନ କରିବେ ଏବଂ ମନ୍ତ୍ରୀ ଓ ସଚିବ ରିପୋର୍ଟ କାର୍ଡ଼ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବେ । ବିଭିନ୍ନ ବିଭାଗର ସଫଳତାକୁ ଆଧାର କରି ୭ଟି ଥିମ୍ – ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡ଼ିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜଳଶକ୍ତି ଓଡ଼ିଶା ଏବଂ ।କୌଶଳ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

***Desk***

# ସଚିବସ୍ତରୀୟ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ସଂଗ୍ରହ ଖର୍ଚ୍ଚ ସମୀକ୍ଷା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଶ୍ରୀମତୀ ଗର୍ଗ କହିଛନ୍ତି :

***Voice (Anu Garg)*** :........

ବିଶ୍ୱବ୍ୟାପୀ ତୈଳ ସଂକଟ ମଧ୍ୟରେ ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ସଚିବସ୍ତରୀୟ

ବୈଠକ ପରେ ଭୁବନେଶ୍ୱରଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଗର୍ଗ କହିଛନ୍ତି, ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପେଟ୍ରୋଲ-ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ବିଭିନ୍ନ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ କାରକେଡରେ ଗାଡିର ବ୍ୟବହାରକୁ ହ୍ରାସ କରିଛନ୍ତି। ଆଗାମୀ ଦିନରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ନୂତନ ନିର୍ଦ୍ଦେଶ ଜାରି କରିବାକୁ ଲକ୍ଷ୍ୟ ରଖାଯାଇଛି। ସର୍ବସାଧାରଣ ପରିବହନରେ ଯାତାୟାତ ବାଧ୍ୟତାମୂଳକ ହୋଇପାରେ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

***Desk***

# ବିମାନ ଚଳାଚଳ

ଝାରସୁଗୁଡ଼ାରୁ ଭୁବନେଶ୍ୱର ଓ ହାଇଦ୍ରାବାଦକୁ ବିମାନସେବା ଆସନ୍ତା ୩୧ ତାରିଖରୁ ଆରମ୍ଭ ହେବ। ସପ୍ତାହକୁ ଛଅ ଦିନ ବିମାନ ଚଳାଚଳ କରିବ। କେବଳ ବୁଧବାର ଦିନ ସେବା ବନ୍ଦ ରହିବ। ଝାରସୁଗୁଡ଼ାରୁ ସକାଳ ୧୧ଟା ୧୦ ମିନିଟ୍‌ରେ ବିମାନ ଛାଡି ଅପରାହ୍ଣ ୧୨ଟାରେ ଭୁବନେଶ୍ୱର ପହଞ୍ଚିବ। ଭୁବନେଶ୍ୱରରୁ ୧୨ଟା ୩୦ ମିନିଟ୍‌ରେ ବିମାନ ଛାଡି ଅପରାହ୍ଣ ଗୋଟାଏ ୨୦ ମିନିଟ୍‌ରେ ଝାରସୁଗୁଡ଼ାରେ ପହଞ୍ଚିବ। ଅନ୍ୟପକ୍ଷରେ ହାଇଦ୍ରାବାଦରୁ ସକାଳ ୮ଟା ୪୦ ମିନିଟ୍‌ରେ ବିମାନ ଉଡାଣ କରି ଝାରସୁଗୁଡ଼ାରେ ସକାଳ

୧୦ଟା ୨୫ ମିନିଟ୍‌ରେ ପହଞ୍ଚିବ। ପୁଣି ଝାରସୁଗୁଡ଼ାରୁ ଦିନ ଗୋଟାଏ ୫୦ ମିନିଟ୍‌ରେ ବାହାରି ଅପରାହ୍ଣ ୩ଟା ୩୫ ମିନିଟ୍‌ରେ ହାଇଦ୍ରାବାଦରେ ପହଞ୍ଚିବ। ଏହାଦ୍ୱାରା ଯାତ୍ରୀମାନେ ଦୀର୍ଘ ସମୟ ଅପେକ୍ଷା ସମସ୍ୟାରୁ ମୁକ୍ତି ପାଇବେ ଏବଂ ଅଳ୍ପ ସମୟ ମଧ୍ୟରେ ସିଧାସଳଖ ଯାତ୍ରା କରିପାରିବେ।

***Desk***

# ତୈଳ ସଙ୍କଟ

ରାଜ୍ୟରେ ଆଦୌ ତୈଳ ସଙ୍କଟ ନାହିଁ; ତେଣୁ ଲୋକମାନେ ଭୟଭୀତ ହୋଇ ତେଲ ନ କିଣିବାକୁ ଯୋଗାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ପରାମର୍ଶ ଦେଇଛନ୍ତି । ସମ୍ପ୍ରତି ୨୨ଟି ପେଟ୍ରୋଲ୍ ଟାଙ୍କିରେ ତେଲ ନ ଥିବା ଅଭିଯୋଗ ହେବା ପରେ ସଚିବ ଶ୍ରୀ ସିଂହ କହିଛନ୍ତି, ସ୍ୱାଭାବିକ ସ୍ଥିତିରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ । ରାଜ୍ୟରେ ଥିବା ୨ ହଜାର ୮ ଶହଟି ତେଲ ଟାଙ୍କିରେ ସ୍ୱାଭାବିକ ଭାବେ ତେଲ ବିକ୍ରି ହେଉଥିବା ସେ କହିଛନ୍ତି ।

*Kendrapara/R*

# ସେତୁ ନିର୍ମାଣ

କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଯାଇଥିବା କଟକ-ଚାନ୍ଦବାଲି ରାଜ୍ୟ ରାଜପଥରେ ୩ଟି ସେତୁ ନିର୍ମାଣପାଇଁ ପ୍ରକିୟା ଆରମ୍ଭ ହୋଇଛି । ସମ୍ପୃକ୍ତ ରାଜ୍ୟ ରାଜପଥରେ ଦୁର୍ଘଟଣା ହ୍ରାସ କରିବା ଓ ଗମନାଗମନ ସୁଗମ କରିବା ଲାଗି ଜିଲ୍ଲା ମଧ୍ୟଦେଇ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ନଦୀ ଉପରେ ସେତୁ ନିର୍ମାଣ କରାଯିବ । ଏଥିପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ଜିଲ୍ଲାର ଆଳି ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁର ପଞ୍ଚାୟତର ଗୋପାଳପୁର ଓ ପତ୍ରପୁର ପଞ୍ଚାୟତର ବିଲିକଣାଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମାଜିକ ପ୍ରଭାବ ଆକଳନ ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ୩ଟି ସେତୁ ନିର୍ମାଣ ଦାୟିତ୍ୱରେ ଥିବା ରାଜ୍ୟ ସେତୁ ନିର୍ମାଣ ନିଗମର ଅଧିକାରୀ ଓ କେନ୍ଦ୍ରାପଡ଼ା ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଏବଂ ତହସିଲ୍‌ଦାର ଜମି ଅଧିଗ୍ରହଣ ସମ୍ପର୍କରେ ସ୍ଥାନୀୟ ଅଧିବାସୀମାନଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେବାକୁ ଥିବା ସେତୁପାଇଁ ୩୦୬ କୋଟି ୮୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଖରସ୍ରୋତା ନଦୀ ଉପର ସେତୁପାଇଁ ୨୮୪ କୋଟି ୫୬ ଲକ୍ଷ ଓ ବୈତରଣୀ ନଦୀ ଉପରେ ସେତୁପାଇଁ ୩୧୯ କୋଟି ୪୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଆସନ୍ତା ୩ ବର୍ଷ ମଧ୍ୟରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଥିବା ଜଣାପଡ଼ିଛି ।

*Malkangiri/R*

# ସ୍ୱଚ୍ଛତା ଓ୍ୱାର୍ଡନ୍

ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ଜଣେ ଦାୟିତ୍ୱବାନ ଅଧିକାରୀଙ୍କୁ ସ୍ୱଚ୍ଛତା ଓ୍ୱାର୍ଡେନ୍ ଭାବେ ମନୋନୀତ କରାଯିବ । ସମ୍ପୃକ୍ତ ଅଧିକାରୀ କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ଏବଂ ପରିମଳ ବ୍ୟବସ୍ଥା ତଦାରଖ କରିବାପାଇଁ ମୁଖ୍ୟ ନୋଡାଲ ଅଧିକାରୀଭାବେ କାର୍ଯ୍ୟ କରିବେ । ସମ୍ପୃକ୍ତ ସ୍ୱଚ୍ଛତା ଓ୍ୱାର୍ଡେନଙ୍କ ନାମ, ପଦବି ଏବଂ ମୋବାଇଲ ନମ୍ବର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

*Nuapada/R*

# ବାଡ଼ିବଗିଚା - ସଚେତନତା

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କାର୍ଯ୍ୟାଳୟରେ ଚିରନ୍ତନ ବାଡ଼ିବଗିଚା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୋମନା ବ୍ଲକ୍‌ର ୫ଟି ପଞ୍ଚାୟତର ୧୭ଟି ଗ୍ରାମରେ ଘରବାଡ଼ି ପଛପଟେ ଥିବା ଅଦରକାରୀ ଜମିର ସଦୁପଯୋଗ କରି ଚିରନ୍ତନ ବାଡ଼ିବଗିଚା ସୃଷ୍ଟି କରିବା ନେଇ ସଚେତନ କରାଯାଇଛି ।

*Nabarangpur/R*

## ଜନ ଆକ୍ରୋଶ ସମାବେଶ

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍‌ର ଡଙ୍ଗରଭେଜା ଏବଂ କୋଷାଗୁମୁଡ଼ା ବ୍ଲକ୍‌ର ବଡ଼ଆମ୍ବଡ଼ାଠାରେ ଜନ ଆକ୍ରୋଶ ସମାବେଶ ଆୟୋଜିତ ହୋଇଯାଇଛି । ବିଧାୟକ ଗୌରଶଙ୍କର ମାଝୀଙ୍କ ନେତୃତ୍ୱରେ ନାରୀବନ୍ଦନ ଅଧିନିୟମକୁ ବିରୋଧ ପରିପ୍ରେକ୍ଷୀରେ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

*Gajapati/R*

## ବିପର୍ଯ୍ୟୟ ମୁକାବିଲା ବୈଠକ

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ବର୍ଷାଋତୁ ପୂର୍ବରୁ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବା ଲାଗି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ରାଜ୍ୟଗୋଷ୍ଠୀ କ୍ରୀଡ଼ା

ଗୁଜରାଟର ଅହମ୍ମଦାବାଦରେ ଆୟୋଜିତ ହେବାକୁ ଥିବା ରାଜ୍ୟ ଗୋଷ୍ଠୀ କ୍ରୀଡା ୨୦୩୦ ପୂର୍ବରୁ ଭାରତୀୟ କ୍ରୀଡା ପ୍ରାଧୀକରଣ-ଏସ୍‌ଏଆଇ ପକ୍ଷରୁ ଦେଶବ୍ୟାପୀ ଜନସଂପୃକ୍ତି ଅଭିଯାନ ଆରମ୍ଭ ହୋଇଛି। ଖେଳୁଆଡ ମନୋଭାବ, ସୃଜନଶୀଳତା ଏବଂ ଯୁବ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ନିଆଯାଇଛି। ଅଭିଯାନର ଅଂଶସ୍ୱରୂପ ଅଂଶଗ୍ରହଣକାରୀମାନେ ରାଜ୍ୟଗୋଷ୍ଠୀ କ୍ରୀଡା ୨୦୩୦ ମଶାଲ ଡିଜାଇନ୍ ପ୍ରତିଯୋଗିତା, ସିଡବ୍ଲ୍ୟୁଜି ରିଲ ଚାଲେଞ୍ଜ ଏବଂ କୁଇଜ୍‌ରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତା ପାଇଁ 'ମାଇ ଭାରତ'ପୋର୍ଟାଲ ଉପଭୋକ୍ତାଙ୍କ ପାଇଁ ଖୋଲା ରହିଛି। ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ, ସୃଜନଶୀଳତା ଓ ଜାତୀୟ ଗୌରବର ଭାବନା ସୃଷ୍ଟି କରି ରାଜ୍ୟ ଗୋଷ୍ଠୀ କ୍ରୀଡାର ସଫଳ ଆୟୋଜନ ପାଇଁ ସାମୂହିକ ଉତ୍ସାହକୁ ପ୍ରୋତ୍ସାହିତ କରିବା ଏହି ତିନୋଟି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ମୌସୁମୀ ବାୟୁ ଆସନ୍ତା ଶନିବାର ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ସମେତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଅପରପକ୍ଷରେ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରୁ ତାପମାତ୍ରା ହ୍ରାସ ପାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ କାଳବୈଶାଖୀ ନେଇ କେତେକ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିବାବେଳେ ବଜ୍ରପାତ ସହ ବର୍ଷା ହେବା ନେଇ ୭ଟି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି । ଆଜି ଅପରାହ୍ଣ ସୁଦ୍ଧା ସମ୍ବଲପୁରରେ ସର୍ବାଧିକ ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

******